# NATIONAL NEWS BULLETIN (ODIA)

## 9 May - 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ଗ୍ରହଣ କରିବେ ବିଜେପିର ବରିଷ୍ଠ ନେତା ଶୁଭେନ୍ଦୁ ଅଧିକାରୀ

–ତାମିଲନାଡୁରେ  ସରକାର ଗଠନ ନେଇ ଅନିଶ୍ଚିତତା ଜାରି

- ଦେଶର ସୁରକ୍ଷା ବ୍ୟବସ୍ଥା  ନାଗରିକଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ, କହିଲେ ପ୍ରତିରକ୍ଷାମନ୍ତ୍ରୀ
- ରୁଷ ଓ ୟୁକ୍ରେନ୍ ମଧ୍ୟରେ ୩ଦିନିଆ ଅସ୍ତ୍ର ବିରତି ଘୋଷଣା

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସକୁ ୮ ୱିକେଟ୍‌ରେ ପରାସ୍ତ କଲା କୋଲକାତା ନାଇଟ୍ ରାଇଡର୍ସ

# ଡବ୍ଲୁବି-ସ୍ୱେରିଂ

ପଶ୍ଚିମବଙ୍ଗରେ ଆଜି ବିଜେପିର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଶୁଭେନ୍ଦୁ ଅଧିକାରୀ ଶପଥ ଗ୍ରହଣ କରିବେ । କୋଲକାତାର ବ୍ରିଗେଡ୍ ପ୍ୟାରେଡ

ଗ୍ରାଉଣ୍ଡଠାରେ ଶପଥ ଗ୍ରହଣ ଉତ୍ସବ ସମାରୋହ ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ, କେନ୍ଦ୍ରମନ୍ତ୍ରୀ ଏବଂ ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ଶପଥଗ୍ରହଣ ସମାରୋହରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ଗତକାଲି ଶ୍ରୀ ଅଧିକାରୀ ରାଜ୍ୟ ବିଜେପି ବିଧାୟକ ଦଳର ନେତା ରୂପେ ନିର୍ବାଚିତ ହୋଇଥିଲେ । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଉପସ୍ଥିତିରେ କୋଲକାତାଠାରେ ବିଧାୟକ ଦଳର ବୈଠକ ବସିଥିଲା । ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଶାହା କହିଛନ୍ତି, ଶୁଭେନ୍ଦୁ ଅଧିକାରୀଙ୍କ ସପକ୍ଷରେ ବହୁ ପ୍ରସ୍ତାବ ଆସିଥିଲା । ବିଜେପି ବିଧାୟକ ଦଳର ନେତା ରୂପେ ନିର୍ବାଚିତ ହେବା ପରେ ଶ୍ରୀ ଅଧିକାରୀ ପଶ୍ଚିମବଙ୍ଗ ରାଜ୍ୟପାଳ ଆର୍.ଏନ୍. ରବିଙ୍କୁ ସାକ୍ଷାତ କରି ରାଜ୍ୟରେ ନୂତନ ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିଥିଲେ । ରାଜ୍ୟରେ ଟିଏମ୍‌ସିର ୧୫ବର୍ଷ ଶାସନର ଅବସାନ ପରେ ବିଜେପି ଚଳିତ ବିଧାନସଭା ନିର୍ବାଚନରେ ଐତିହାସିକ ବିଜୟ ହାସଲ କରିଥିଲା ।

ଶୁଭେନ୍ଦୁ ଅଧିକାରୀଙ୍କ ଘର ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ସହରରେ ଅବସ୍ଥିତ । ବିଜେପି ବିଧାୟକ ଦଳର ନେତା ରୂପେ ନିର୍ବାଚିତ ହେବା

ପରେ ତାଙ୍କ ନିର୍ବାଚନ ମଣ୍ଡଳୀ ନନ୍ଦୀଗ୍ରାମରେ ବିଜୟ ଉତ୍ସବ ପାଳନ କରାଯାଇଛି ।

## ଟିଏନ୍-ଗଭ୍

ତାମିଲନାଡୁରେ ଟିଭିକେ ମୁଖ୍ୟ ସି.ଯୋଶେଫ୍ ବିଜୟଙ୍କ ନେତୃତ୍ୱରେ ସରକାର ଗଠନ ନେଇ ଏବେ ବି ଅନିଶ୍ଚିତତା ଜାରି ରହିଛି । **IUML** ଟିଭିକେକୁ ସମର୍ଥନ କରିବା ନେଇ ଅଗ୍ରାହ୍ୟ କରିଥିବାରୁ ସରକାର ଗଠନ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଛି । ଆଜି ହେବାକୁ ଥିବା ଶପଥ ଗ୍ରହଣ ସମାରୋହ ହୋଇପାରିବ ନାହିଁ ବୋଲି ସୂଚନା ମିଳିଛି । ପୂର୍ବରୁ ଟିଭିକେ ମୁଖ୍ୟ ବିଜୟ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିଥିଲେ । **IUML**ର ମୁଖ୍ୟ ପ୍ରଫେସର ଖାଦର ମୈଦିନ୍ କହିଛନ୍ତି ତାଙ୍କ ଦଳ ଟିଭିକେକୁ ସମର୍ଥନ ଦେବା ପାଇଁ ସମ୍ମତିପତ୍ର ପ୍ରଦାନ କରିନାହିଁ ।

ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ ଷ୍ଟାଲିନ୍ ରାଜ୍ୟପାଳ ବିଶ୍ୱନାଥ ଆର୍ଲେକରଙ୍କୁ ଭେଟି ନୂତନ ସରକାର ଗଠନ ପାଇଁ ତୁରନ୍ତ ସାମ୍ବିଧାନିକ ବ୍ୟବସ୍ଥା ଆରମ୍ଭ କରିବା ଲାଗି କହିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟକରି ଷ୍ଟାଲିନ୍ କହିଛନ୍ତି, ନୂତନ ସରକାର ଗଠନ ନେଇ ଶପଥ ଗ୍ରହଣ ବିଳମ୍ବ ହେଲେ ରାଜ୍ୟରେ ରାଷ୍ଟ୍ରପତି ଶାସନର ଆଶଙ୍କା ରହିଛି ।

ନିର୍ବାଚନ ଆୟୋଗ ପକ୍ଷରୁ ନବନିର୍ବାଚିତ ବିଧାୟକମାନଙ୍କର ତାଲିକା ପ୍ରକାଶ ପାଇଥିବାରୁ ସରକାର ଗଠନ ନେଇ ସମୟର ଆବଶ୍ୟକତା ରହିଛି ଏବଂ ଏହା ରାଜ୍ୟପାଇଁ ମଙ୍ଗଳଦାୟକ ହେବ ବୋଲି ଷ୍ଟାଲିନ୍ କହିଛନ୍ତି । ସରକାର ଗଠନରେ ବିଳମ୍ବ କରିବା ଉଚିତ ନୁହେଁ ଏବଂ ରାଜ୍ୟପାଳଙ୍କୁ ଏ ଦିଗରେ ବିହିତ ବ୍ୟବସ୍ଥା ଗ୍ରହଣ କରିବା ଲାଗି ସେ ଅନୁରୋଧ କରିଛନ୍ତି ।

## ରାଜନାଥ ସିଂହ-ଟିଏମ୍ଆର୍

ଦେଶର ସଶକ୍ତ ସୁରକ୍ଷା ବ୍ୟବସ୍ଥା କେବଳ ସୀମା ରକ୍ଷା ଲାଗି ନୁହେଁ ବରଂ ସମଗ୍ର ସମାଜ, ପରିବେଶ ଓ ନାଗରିକଙ୍କ ଲାଗି ଉଦ୍ଦିଷ୍ଟ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମତବ୍ୟକ୍ତ କରିଛନ୍ତି । ଭାରତୀୟ ସେନାର ତିରଙ୍ଗା ପର୍ବତ ଉଦ୍ଧାରକାରୀ ବଳ (ଟି.ଏମ୍.ଆର୍.)ର ୧୦ ବର୍ଷ ପୂର୍ତ୍ତି ଅବସରରେ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସମାରୋହରେ ଉଦ୍‌ବୋଧନ ଦେଇ ଗତକାଲି ସେ ଏହା କହିଥିଲେ । ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ସଶକ୍ତ ଭାରତରେ ସୀମାଗୁଡ଼ିକ ସୁରକ୍ଷିତ ରହିବା ସହିତ ସମ୍ପ୍ରଦାୟଙ୍କ ମଧ୍ୟରେ ସଦ୍‌ଭାବନା ବଜାୟ ରହିଥାଏ । ଏତଦ୍‌ବ୍ୟତୀତ ବିପର୍ଯ୍ୟୟ ସମୟରେ ପ୍ରତ୍ୟେକ ନାଗରିକଙ୍କ ଜୀବନ ମଧ୍ୟ ସୁରକ୍ଷିତ ରହିଥାଏ ବୋଲି ସେ କହିଛନ୍ତି । ହିମାଳୟ ଭଳି ଦୁର୍ଗମ ତଥା ସ୍ପର୍ଶକାତର ଅଞ୍ଚଳରେ ଟି.ଏମ୍.ଆର୍. କେବଳ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇନଥାଏ ବରଂ ଜାତୀୟ ବିପର୍ଯ୍ୟୟ ସମୟରେ ସ୍ଥାନୀୟ ଜନତାଙ୍କର ବିଶ୍ୱାସଭାଜନ ହେବା

ସହିତ ସେନାବାହିନୀକୁ ସହାୟତା କରିବାରେ ଏକ ଦୃଢ଼ ସ୍ତମ୍ଭ ଭାବେ କାର୍ଯ୍ୟ କରିଥାଏ ବୋଲି ଶ୍ରୀ ସିଂହ କହିଛନ୍ତି ।

## ଇରାନ୍-ୟୁଏସ୍ କନଫ୍ଲିକ୍ଟ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷ ଏବଂ ୟୁକ୍ରେନ୍ ମଧ୍ୟରେ ୩ ଦିନିଆ ଯୁଦ୍ଧ ବିରତି ଘୋଷଣା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଟ୍ରମ୍ପ କହିଛନ୍ତି, ଏହି ଯୁଦ୍ଧ ବିରତି ଆଜିଠାରୁ ୧୧ ତାରିଖ ପର୍ଯ୍ୟନ୍ତ ହେବ । ଏଥିରେ ଦୁଇଦେଶ ମଧ୍ୟରେ ଅସ୍ତ୍ର ଆକ୍ରମଣକୁ ରଦ୍ଦ କରାଯାଇଛି । ସ୍ଥାୟୀ ଭାବେ ଯୁଦ୍ଧ ସମାପ୍ତ କରିବା ଲାଗି ଆଲୋଚନା ଜାରି ରହିଛି ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ହେଉଛି ସବୁଠାରୁ ବଡ଼ ସଂଘର୍ଷ ବୋଲି ସେ କହିଛନ୍ତି ।

ଇରାନ' ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦରେ ଆମେରିକା ଦ୍ୱାରା ଦିଆଯାଇଥିବା ପ୍ରସ୍ତାବକୁ ତ୍ରୁଟିପୂର୍ଣ୍ଣ ଏବଂ ରାଜନୀତି ପ୍ରଣୋଦିତ ବୋଲି କହି ପ୍ରତ୍ୟାଖ୍ୟାନ କରିଛି । ଏଥିରେ ହର୍ମୁଜ ପ୍ରଣାଳୀରେ ଜାହାଜର ସୁରକ୍ଷା ସଂପର୍କିତ ପ୍ରସ୍ତାବ ରହିଛି। ଏହା ହେଉଛି ଇରାନର ନିଜ ମାମଲାରେ ଆମେରିକାର ହସ୍ତକ୍ଷେପ ବୋଲି ଇରାନ କହିଛି। ଆମେରିକା, ବାହାରିନ୍, ସାଉଦିଆରବ, ୟୁଏଇ, କୁଏତ୍ ଏବଂ କାତାର ଦ୍ୱାରା ଦିଆଯାଇଥିବା ପ୍ରସ୍ତାବରେ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ସୁଗମ କରିବାର ଉଦ୍ଦେଶ୍ୟ ରହିଛି । ଆମେରିକା' ଇରାନ ଉପରେ ବାଣିଜ୍ୟିକ ଜଳମାର୍ଗ

ଅବରୋଧ କରିବା ନେଇ ସଂଯୁକ୍ତ ରାଷ୍ଟ୍ର ପରିଷଦରେ  ଦୋଷାରୋପ କରିଛି ।

## ଜୟଶଙ୍କର-ଗୁଏନା

ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଗୁଏନା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଦୁଇନେତା ଭାରତ-ଗୁଏନା ସ୍ୱାସ୍ଥ୍ୟସେବା କ୍ଷେତ୍ରର ଉନ୍ନତି ଉପରେ ଆଲୋଚନା କରିଥିଲେ । ଶ୍ରୀଜୟଶଙ୍କର ତ୍ରିରାଷ୍ଟ୍ରୀୟ ଗସ୍ତରେ ଯାଇ ଗୁଏନାର କାରିବେନ୍‌ଠାରେ ସେଠାକାର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ଫ୍ରାଙ୍କ ଆନ୍ଥୋନୀଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଗସ୍ତର ପ୍ରଥମ ପର୍ଯ୍ୟାୟରେ ଶ୍ରୀ ଜୟଶଙ୍କର ଜାମାଇକା ଯାଇଥିଲେ । ଏହା ପରେ ସୁରିନାମ୍ ଗସ୍ତ କରିବା ସହ ଅନ୍ତିମ ପର୍ଯ୍ୟାୟରେ ତ୍ରିନିଦାଦ ଏବଂ ଟବାକୋ ଯିବେ ।

## ଚିଲି ଫରେନ୍ ମିନିଷ୍ଟ ଭିଜିଟ୍

ଚିଲିର ବୈଦେଶିକ ମନ୍ତ୍ରୀ ଫ୍ରାନ୍‌ସିସ୍‌କୋ ପିରେଜ୍ ମାକେନା ଆଜିଠାରୁ ଭାରତ ଗସ୍ତରେ ଆସୁଛନ୍ତି । ସେ ଭାରତରେ ୧୫ ତାରିଖ ପର୍ଯ୍ୟନ୍ତ ଅବସ୍ଥାନ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଆସନ୍ତା ସୋମବାର ଆସୋଚାମ୍ ଏବଂ ଭାରତୀୟ ଖାଦ୍ୟ ଆମଦାନୀ ଫୋରମ ଦ୍ୱାରା ଆୟୋଜିତ ବ୍ୟବସାୟିକ କାର୍ଯ୍ୟକ୍ରମରେ ସେ ଯୋଗଦେବେ । ମଙ୍ଗଳବାର ସେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ

ଗୋୟଲଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ସିଆଇଆଇ ବ୍ୟବସାୟିକ ସମ୍ମିଳନ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସେ ଭାଗ ନେବେ । ଶ୍ରୀ ଫ୍ରାନ୍‌ସିସ୍‌କୋ' ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ସହ ମଧ୍ୟ ସାକ୍ଷାତ ଆଲୋଚନା କରିବେ । ଭାରତ-ଚିଲି ବ୍ୟବସାୟିକ ପ୍ରତିନିଧି ଦଳର ମିଳିତ ବୈଠକରେ ଶ୍ରୀ ଫ୍ରାନ୍‌ସିସ୍‌କୋ ଅଂଶ ଗ୍ରହଣ କରିବେ ।

## ମଷ୍ଟ ଆନାଉନ୍ସମେଣ୍ଟ- ପଦ୍ମ

'ଆକାଶବାଣୀରେ ଲୋକଙ୍କ ପଦ୍ମ' ଧାରାବାହିକର ପରବର୍ତ୍ତୀ ଭାଗରେ ଡକ୍ଟର ରାମମୂର୍ତ୍ତି ଶ୍ରୀଧରଙ୍କ ସହ ବାର୍ତ୍ତାଳାପ ପ୍ରଚାର କରାଯିବ । ତାଙ୍କୁ ସମ୍ମାନଜନକ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ ସମ୍ମାନିତ କରାଯିବ। ଏହି ବାର୍ତ୍ତାଳାପ ଆଜି ସକାଳ ୯ଟା ୧୦ ମିନିଟ୍‌ରେ ୧୦୦ ଦଶମିକ୍ ୧ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ । ଏହି କାର୍ଯ୍ୟକ୍ରମ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଉପଲବ୍ଧ ହେବ ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଗତକାଲି ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଟର୍ସ' ଦିଲ୍ଲୀ କ୍ୟାପିଟାଲ୍‌ସକୁ ୮ ୱିକେଟ୍‌ରେ ପରାସ୍ତ କରିଛି । ଦିଲ୍ଲୀର

ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ୧୪୩ ରନ୍‌ର ପିଛା କରି କୋଲକାତା ନାଇଟ୍ ରାଇଡର୍ସ ୧୪ ଓଭର ୨ଟି ବଲ୍‌ରେ ୨ଟି ୱିକେଟ୍ ହରାଇ ୧୪୭ ରନ୍ କରିବାକୁ ସମର୍ଥ ହୋଇଥିଲା । ଫିନ୍ ଆଲେନ୍‌ଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି । କୋଲକାତା ନାଇଟ୍ ରାଇଡର୍ସର ଏହା ହେଉଛି ଚତୁର୍ଥ ବିଜୟ । ଦିଲ୍ଲୀ କ୍ୟାପିଟାଲ୍‌ସ ନିର୍ଦ୍ଧାରିତ ୨୦ ଓଭର୍‌ରେ ୮ ୱିକେଟ୍ ହରାଇ ୧୪୨ ରନ୍ ସଂଗ୍ରହ କରିଥିଲା । କୋଲକାତା ନାଇଟ୍ ରାଇଡର୍ସ ପକ୍ଷରୁ ଅଙ୍କୁଲ ରୟ ଏବଂ କାର୍ତ୍ତିକ ତ୍ୟାଗୀ ୨ଟି ଲେଖାଏଁ ୱିକେଟ୍ ନେଇଥିବା ବେଳେ ବୈଭବ ଆରୋରା, ସୁନୀଲ ନାରିନେ ଏବଂ କ୍ୟାମେରନ୍ ଗ୍ରୀନ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ । କୋଲକାତା ନାଇଟ୍ ରାଇଡର୍ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା ।

ଆଜି ରାଜସ୍ଥାନ ରୟାଲ୍‌ସ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ରାତି ୭ଟା ୩୦ ମିନିଟରେ ଜୟପୁରର ସୱାଇ ମାନସିଂ ଷ୍ଟାଡିୟମରେ ମ୍ୟାଚ୍ ଖେଳାଯିବ ।

## ଆଇଏମ୍‌ଡି-ୱେଦର

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆସନ୍ତା ୨ ଦିନ ମଧ୍ୟରେ କେରଳ, ମାହେ, ଲାକ୍ଷାଦ୍ୱୀପ, ଦକ୍ଷିଣ ଆଭ୍ୟନ୍ତରୀଣ କର୍ଣ୍ଣାଟକ, ତାମିଲନାଡୁ, ପୁଡୁଚେରୀ ଏବଂ କରେଇକାଲ୍‌ରେ ପ୍ରବଳ ବର୍ଷା ନେଇ

ପୂର୍ବାନୁମାନ କରାଯାଇଛି । ସେହିପରି ବିହାର, ଛତିଶଗଡ଼, ପଶ୍ଚିମବଙ୍ଗ ଗାଙ୍ଗେୟ ଅଞ୍ଚଳ, ଝାରଡ଼ଖଣ୍ଡ, ବିଦର୍ଭ ଅଞ୍ଚଳରେ ଘଣ୍ଟା ପ୍ରତି ୫୦ କିଲୋମିଟର ପବନ ବହିବା ସହ ଘଡ଼ଘଡ଼ି ସହ ବର୍ଷା ହେବାର ସୂଚନା ଦିଆଯାଇଛି । ଓଡ଼ିଶା, ରୟାଲ୍‌ସୀମା, ତେଲଙ୍ଗାନା, କୋଙ୍କଣ, ଗୋଆ, କର୍ଣ୍ଣାଟକ ଉପକୂଳବର୍ତ୍ତୀ ଅଞ୍ଚଳ, ଆଣ୍ଡାମାନ ଏବଂ ନିକୋବାର ଦ୍ୱୀପପୁଞ୍ଜ ଓ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ମଧ୍ୟ ଆଜି ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

ଅନ୍ୟପକ୍ଷରେ ଗୁଜରାଟ ଏବଂ ପଶ୍ଚିମ ରାଜସ୍ଥାନରେ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ସୂଚନା ଦିଆଯାଇଛି ।